ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୦୮

# ଦେଶର ଏକତାକୁ ନଷ୍ଟ କରୁଛି ମୂଳନିବାସୀ ବିମର୍ଷ



ଗୋପାଳ ମହାପାତ୍ର

ଅଗଷ୍ଟ ୯ ତାରିଖକୁ ବିଶ୍ୱ ମୂଳ ନିବାସୀ ଦିବସ ଭାବେ ପାଳନ କରିବାକୁ ଜାତିସଂଘ ୧୯୯୪ ମସିହାରେ ଘୋଷଣା କରିଥିଲା । ଏଭଳି ଘୋଷଣା କରାଯିବା ପଛରେ ଉଦେଶ୍ୟ ଥିଲା ଯେ ୧୯୮୨ ମସିହା ଅଗଷ୍ଟ ୯ ତାରିଖ ଦିନ ଓ୍ୟାର୍କିଙ୍ଗ ଗୃପ ଅପ ଇଣ୍ଡଜିନିସ ପିପୁଲ ଗୋଷ୍ଠିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପଛରେ ଥିବା ଜାତିସଂଘର ଭୂମିକା ମଧ ସ୍ପଷ୍ଟ । ଜାତିସଂଘ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ୯୦ଟି ଦେଶରେ ୪୭.୬ କୋଟି ମୂଳ ନିବାସୀ ରହୁଥିଲେ ଓ ସେମାନେ ବିଶ୍ୱ ଜନସଂଖ୍ୟାର ୫ ପ୍ରତିଶତ ଅଟନ୍ତି । କିନ୍ତୁ ସାରା ବିଶ୍ୱରେ ଥିବା ଗରିବ ମୂଳ ନିବାସୀଙ୍କ ସଂଖ୍ୟା ୧୫ ପ୍ରତିଶତ ଏଣୁ ମୂଳନିବାସୀଙ୍କ ଅଧିକାରର ସୁରକ୍ଷା ତଥା ସେମାନଙ୍କ ଜୀବନସ୍ତରକୁ ଉପରକୁ ଉଠାଇବା ପାଇଁ ଏହି ଦିବସ ପାଳନ କରାଯାଇଥାଏ । ପ୍ରଶ୍ନ ହେଉଛି ମୂଳ ନିବାସୀ କିଏ ? ଆମେ ସମସ୍ତେ ଜାଣିଛେ ଓ ଏହା ହେଉଛି ଏକ ଐତିହାସିକ ତଥ୍ୟ ଯେ ଭାରତ ଆସିବା ଉଦେଶ୍ୟରେ ବାହାରିଥିବା ପରିବ୍ରାଜକ କଲମ୍ବସ ୧୪୯୨ ମସିହାରେ ଆମେରିକାରେ ପହଂଚିଯାଇଥିଲେ । ସେଠାରେ ପହଂଚିବା ପରେ ସେ ଆମେରିକାକୁ ଇଣ୍ଡିଆ (ଭାରତ) ବୋଲି ଭାବି ନେଇଥିଲେ । କିଂ ପରେ ସେ ବୁଝିପାରିଥିଲେ ଯେ ତାହା ଇଣ୍ଡିଆ (ଭାରତ) ନୁହେଁ । କଲମ୍ବସ ଆମେରିକାରେ ପହ□ିବା ପରେ ସେଠାକାର ମୂଳ ନିବାସୀଙ୍କୁ ଇଣ୍ଡିଆନ ନାମରେ ନାମିତ କରିଦେଇଥିଲେ ଯାହାଙ୍କୁ ରେଡ୍ ଇଣ୍ଡିଆନ୍ସ କୁହାଯାଉଥିଲା । ଏବେ ସେମାନଙ୍କୁ ଆମେରିକାନ ଇଣ୍ଡିଆନ୍ସ ବା ନେଟିଭ ଆମେରିକାନ୍ସ କୁହାଯାଉଛି ।

୧୯୪୨ରେ ଯେତେବେଳେ କଲମ୍ବସଙ୍କ ସହ ୟୁରୋପୀୟ ମାନେ ସେଠାରେ ପହ□ିଲେ ସେତେବେଳେ ସେଠାକାର ମୂଳନିବାସୀ ବା ଆମେରିକାନ ଇଣ୍ଡିଆନ୍ସଙ୍କ ସଂଖ୍ୟା ୧କୋଟି ୮୦ ଲକ୍ଷ ଥିଲା ବୋଲି ହେନେରି ଡୋବିନ୍ସ ଉଲ୍ଲେଖ କରିଛଁ । ଜନସଂଖ୍ୟା ବୃଦ୍ଧିର ଅନୁପାତ ଅନୁସାରେ ଏବେ ଏହି ମୂଳନିବାସୀଙ୍କ ସଂଖ୍ୟା ୧୫ କୋଟିରେ ପହ□ିବା କଥା । କିଂ ବିଗତ ୪୦୦ରୁ ୫୦୦ବର୍ଷ ମଧ୍ୟରେ ଆମେରିକାରେ ବସବାସ କରିବାକୁ ଆସିବା ଇଂରେଜ, ଫ୍ରେ□, ସ୍ପେନିସ ଆଦି ୟୁରୋପୀୟ ମାନେ ମୂଳନିବାସୀଙ୍କ ଉପରେ ଅତ୍ୟାଚାର କରି ଏମାନଙ୍କ ବଂଶ ବୃଦ୍ଧିରେ ବାଧକ ସାଜିଥିଲେ । ୨୦୧୦ର ଆମେରିକାର ଜନଗଣନା ଅନୁସାରେ ଏହି ମୂଳନିବାସୀଙ୍କ ସଂଖ୍ୟା ୫୫ ଲକ୍ଷ ଯାହା ଆମେରିକାର ଜନସଂଖ୍ୟାର ୧.୬୭ ପ୍ରତିଶତ ଅଟେ । ୧୭୭୦ ମସିହାରେ ବ୍ରିଟିଶ ସେନାର ଲେଫଟନା□ ଜେମସ୍ କୁକ୍ ଅଷ୍ଟ୍ରେଲିଆରେ ପହ□ିଥିଲେ । ସେତେବେଳେ ବ୍ରିଟିଶ ସରକାର କଏଦୀ ମାନଙ୍କୁ ରଖିବା ପାଇଁ ଏକ ଦ୍ୱୀପ ଖୋଜୁଥିଲେ । ଜେମସ୍ କୁକ୍ ଏବଂ ତାଙ୍କ ସହଯୋଗୀ ଜୋସେଫ ବେକ୍ସଙ୍କ ପରାମର୍ଶ କ୍ରମେ ବ୍ରିଟିଶ ସରକାର ଅଷ୍ଟ୍ରେଲିଆରେ କଏଦୀଙ୍କୁ ରଖିବା ପାଇଁ ନିଷ୍ପ□ ନେଇଥିଲେ । ୧୭୮୭ ମେ ମାସ ୧ ତାରିଖରେ ବ୍ରିଟିଶ ଯାହାଜ ଅଷ୍ଟ୍ରେଲିଆରେ ପହ□ିଥିଲା ଯେଉଁଥିରେ ହଜାରେ ରୁ ଅଧିକ ଇଂରେଜ ଥିଲେ ଓ ୭୩୭ ଜଣ କଏଦୀ ଥିଲେ । ତା ପର ଠାରୁ ଅଷ୍ଟ୍ରେଲିଆରେ ଉପନିବେଶବାଦର ଆରମ୍ଭ ହେଲା । ସେତେବେଳେ ଯେତିକି ମୂଳନିବାସୀ ଥିଲେ ଜନସଂଖ୍ୟା ବୃଦ୍ଧି ଅନୁପାତରେ ଏବେ ସେମାନଙ୍କ ସଂଖ୍ୟା ବହୁତ ବଢ଼ିଯାଇଥା'। କିଂ ଆମେରିକାରେ ଯାହା ଘଟିଥିଲା ଅଷ୍ଟ୍ରେଲିଆରେ ସେକଥା ହିଁ ଘଟିଲା । ବର୍ବରତାର ସହ ଏମାନଙ୍କ ସଂହାର କରାଗଲା । ୨୦୧୬ ର ଜନଗଣନା ଅନୁସାରେ ସେଠାକାର ମୂଳନୀବାସୀଙ୍କ ସଂଖ୍ୟା ମାତ୍ର ୭ଲକ୍ଷ ୯୦ ହଜାର ଥିଲା ଯାହା ଅଷ୍ଟ୍ରେଲିଆର ଜନସଂଖ୍ୟାର ୩.୩ ପ୍ରତିଶତ ।

ଆମେରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଆଦି ଦେଶରେ ମୂଳନିବାସୀଙ୍କ ଅବସ୍ଥା ଅତ୍ୟ' ଖରାପ ଥିଲା । ୟୁରୋପୀୟମାନେ ଏମାନଙ୍କ ଉପରେ ଅତ୍ୟାଚାର କରୁଥିଲେ । ଆମେରିକା ଏହି ମୂଳନିବାସୀ ମାନଙ୍କୁ ସିଭିଲିଆନ ଆଖ୍ୟା ଦେବାକୁ ଚାହିଁଲା । ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ଓ୍ୟାସିଂଟନଙ୍କ ସମୟରେ ଏହି ମୂଳନିବାସୀ ଅର୍ଥାତ୍ ଆମେରିକାନ ଇଣ୍ଡିଆନ୍ସଙ୍କୁ ଜବରଦସ୍ତ ସିଭିଲିଆନ ଆଖ୍ୟା ଦେବା ପାଇଁ ଉଦ୍ୟମ ହେଲା ଓ ଏହି ନୀତି ଏବେ ବି ଜାରି ରହିଛି । ଆମେରିକା ଓ ଅଷ୍ଟ୍ରେଲିଆ ଭଳି ଦେଶର ମୂଳନିବାସୀଙ୍କ ଅବସ୍ଥା ଦୁରୁହ ଅନେକ ଆମେରିକୀ ମୂଳ ନିବାସୀ ଏବେ ଦ୍ରାରିଦ୍ର୍ୟର ସୀମାରେଖାତଳେ ଅଛଁ । ଭାରତରେ ଏହି ମୂଳନିବାସୀ ଦିବସର ଔଚିତ୍ୟ କ'ଣ ? ଏଠି ଭାରତରେ ଆମେ ସମସ୍ତେ ତ ମୂଳନିବାସୀ । ହଁ ମୁସଲିମ ଆକ୍ରମଣକାରୀ ବାହାରୁ ଆସିଥିଲେ ନିଶ୍ଚୟ । ଇରାନ (ପାର୍ଶିଆ), ଇରାକ, ଆଫଗାନିସ୍ଥାନ, ତୁର୍କିସ୍ଥାନ, କିରଗିଜସ୍ଥାନ, ଉଜବେକିସ୍ଥାନ ଆଦି ଅନେକ ଦେଶରୁ ମୁସଲିମ ଆକ୍ରମଣକାରୀ ଆସିଥିଲେ । ଜାତିସଂଘର ପରିଭାଷା ଅନୁସାରେ ଏସବୁ ଆକ୍ରମଣକାରୀଙ୍କୁ ଛାଡି ଅନ୍ୟ ସମସ୍ତେ ଭାରତର ମୂଳ ନିବାସୀ । ଇଂରେଜମାନେ ମଧ ବାହାରୁ ଆସିଥିଲେ କିନ୍ତୁ ୧୯୪୭ରେ ଦେଶ ସ୍ୱାଧିନ ହେବା ପରେ ଏମାନେ ଭାରତ ଛାଡି ଚାଲିଯାଇଥିଲେ । ଏଣୁ ଏସବୁ କୁ ଦେଖିଲେ ଭାରତରେ 'ବିଶ୍ୱ ମୂଳନିବାସୀ ଦିବସ'ର ଔଚିତ୍ୱ ରହିବା କଥା ନୁହେଁ । ଆମେରିକା, ଅଷ୍ଟ୍ରେଲିଆ ଭଳି ଦେଶମାନଙ୍କର ମୂଳ ନିବାସୀଙ୍କ ହକ୍ ପ୍ରତି ସହାନୁଭୁତି ଏବଂ ସମର୍ଥନରେ ଆମର (ଭାରତ) ସୀମିତ ଭୂମିକା ରହିବା କଥା ।

କିନ୍ତୁ ଏବେ ଆମ ଦେଶରେ ଏହି ଦିବସ ପାଳନ କରିବାର ପ୍ରଥା ଆରମ୍ଭ ହୋଇଯାଇଛି । ଅନେକ ରାଜ୍ୟରେ ଏହି ଦିନକୁ 'ଆଦିବାସୀ ଦିବସ' ଭାବେ ପାଳନ କରାଯାଉଛି । ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଏହିଦିନ (୯ଅଗଷ୍ଟ)କୁ ଇଚ୍ଛାକୃତ ଅବସର ଦିବସ ଭାବେ ଘୋଷଣା କରାଯାଉଥିଲା । ଏହି ଦିବସ ପାଳନ ହେଲା କେମିତି ? ଏହାର ଉତର ହେଉଛି ଏହା ଏକ ବାମପନ୍ଥୀ ରଣନୀତି । ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଏ ପ୍ରସଙ୍ଗରେ ବାମପନ୍ଥୀଙ୍କୁ ଯୋଡାଯାଉଛି କାହିଁକି ? ଉତର ହେଉଛି ବାମପନ୍ଥୀ ବିଚାରଧାରାର ମୂଳ ହେଉଛି ସମାଜରେ ବର୍ଗ ସଂଘର୍ଷ ସୃଷ୍ଟି କରିବା । ବର୍ଗସଂଘର୍ଷ ପାଇଁ 'ମୂଳନିବାସୀ ଦିବସ' ଏକ ଉତମ ସାଧନ ଅଟେ । ଏହାର ଫାଇଦା ମଧ ବାମପନ୍ଥୀ ବିଚାରକ ମାନେ ବେଶ୍ ଭାବରେ ଉଠାଇଥିଲେ । ଜାତିସଂଘ ଦ୍ୱାରା 'ମୂଳନିବାସୀ ଦିବସ'ର ଘୋଷଣା ପରେ ଦେଶରେ ଆଦିବାସୀମାନେ ଭାରତର ମୂଳ ନାଗରିକ ଏବଂ ଅନ୍ୟ ସମସ୍ତେ ବାହାରୁ ଆସିଛନ୍ତି ବୋଲି ବିମର୍ଷ ଚାଲିଲା । ଆର୍ଯ୍ୟମାନେ ବାହାରୁ ଆସିଛଁ ବୋଲି କୁହାଗଲା । ଏହି ସିଦ୍ଧା' ଇଂରେଜମାନେ ଆରମ୍ଭ କରିଥିଲେ । ଦେଶ ସ୍ୱାଧିନ ହେବାପରେ ମଧ ବାମପନ୍ଥୀ ବିଚାରକ ମାନେ ଏହି ବିମର୍ଷ ଜାରି ରଖିଲେ । ୨୦୧୧ ଜାନୁୟାରୀ ୧୨ ତାରିଖ ଦିନ 'ଦି ହିନ୍ଦୁ' ଇଂରାଜୀ ଖବର କାଗଜରେ ଏକ ଆଲେଖ୍ୟ ପ୍ରକାଶିତ ହୋଇଥିଲା ଯାହାର ଶୀର୍ଷକ ଥିଲା 'ଇଣ୍ଡିଆ, ରାର୍ଜଲି ଏ କ□ଅଫ ଇମିଗ୍ରା□ସ୍' । ଏହି ଆଲେଖରେ ଆଦିବାସୀ ମାନେ ଦେଶର ମୂଳନିବାସୀ ବୋଲି ପ୍ରତିପାଦିତ କରାଯାଇଥିଲା । ଦେଶର ୮ ପ୍ରତିଶତ ଆଦିବାସୀ ହେଉଛନ୍ତି ମୂଳନିବାସୀ ଏବଂ ୯୨ ପ୍ରତିଶତ ବାହାରୁ ଆସିଛନ୍ତି । 'ଦି ହିନ୍ଦୁ'ରେ ପ୍ରକାଶିତ ଏହ ଆଲେଖରେ 'ଦି କେମ୍ବ୍ରିଜହିଷ୍ଟି ଅଫ ଇଣ୍ଡିଆର ଅନେକ ତଥ୍ୟ ଉଦାହରଣ ଭାବେ ଉଲ୍ଲେଖ କରାଯାଇଛି । ଏହାକୁ ବ୍ୟଙ୍ଗ ନୁହଁ ତ ଆଉ କ'ଣ କୁହାଯାଇ ପାରିବ ? ଏମିତି ଅନେକ ଆଲେଖ ବିଗତ କିଛି ବର୍ଷ ହେବ ପ୍ରକାଶ ପାଉଛି ଯେ ଆର୍ଯ୍ୟମାନେ ବାହାରୁ ଆସିଥିଲେ ବୋଲି କିଂ ଯେଉଁ ବିମର୍ଷ ଚାଲିଥିଲା ତାହା ଭୁଲ ବୋଲି ପ୍ରମାଣିତ ହୋଇଛି । ଅନେକ ତଥ୍ୟ ଏବଂ ପ୍ରମାଣରୁ ସ୍ପଷ୍ଟ ଯେ ଆମେ ସମସ୍ତେ ଭାରତର ମୂଳନିବାସୀ । ଏହାର ଠିକ୍ ବିପରିତ 'ଆଉଟ ଅଫ ଇଣ୍ଡିଆ ଥିଓରି'ର ମାନ୍ୟତା ବଢ଼ିବାରେ ଲାଗିଛି । ଏହି ସିଦ୍ଧା' ଅନୁସାରେ ଭାରତରୁ କିଛି ସଂପ୍ରଦାୟ ଭାରତ ବାହାରକୁ ସ୍ଥାନା'ରିତ ହୋଇଛଁ । ଯେଉଁ ଲୋକମାନେ ବାହାରୁ ୫ଶହରୁ ଏକ ହଜାର ବର୍ଷ ପୂର୍ବରୁ ଆସିଛନ୍ତି ସେମାନଙ୍କୁ ମୂଳନିବାସୀ ବୋଲି ଜାତିସଂଘ କହୁଛି । କିନ୍ତୁ ଆମ ଦେଶରେ ବେଦ, ପୁରାଣ, ଉପନିଷଦ କେଉଁ କାଳରୁ ରହିଛି ଓ ଏସବୁରେ ଥିବା ପ୍ରମାଣ, ଉଦାହରଣ ଅନୁସାରେ ଆମେ ୮ରୁ ୧୦ ହଜାର ପୂର୍ବରୁ ଏଠାରେ ରହୁଛେ । ଏସବୁ ପ୍ରମାଣରୁ ସ୍ପଷ୍ଟ ଯେ ମୁସଲିମ ଆକ୍ରା'। ମାନଙ୍କୁ ଛାଡିଦେଲେ ଆମେ ସମସ୍ତେ ମୂଳନିବାସୀ । ଏବେ ଯେଉଁମାନଙ୍କୁ ଆଦିବାସୀ ବୋଲି କୁହାଯାଉଛି ସେମାନେ ଆଦିମ ଯୁଗର ଆଦିବାସୀ ନୁହଁନ୍ତି ବରଂ ଗ୍ରାମା□ଳରେ ବସବାସ କରୁଥିବା 'ଜନଜାତୀୟ ସମାଜ' ଅଟନ୍ତି । ପାଖାପାଖି ୫ଶହ ବର୍ଷ ପୁର୍ବେ ବନବାସି ରାଣୀ ଦୁର୍ଗାବତୀ ବନ୍ଧୁକ ଚଳାଇବାରେ ଓସ୍ତାଦ ଥିଲେ । ଏମାନଙ୍କ ସାମାଜିକ ଜୀବନ, ପରିବେଷ ସହ ଏମାନଙ୍କ ଜିଇଁବାର ଶୈଳୀ ସବୁ ଅଦ୍‌ଭୁତ । ଏଭଳି ସମାଜ ବଚିଂତ, ଶୋଷିତ ହୋଇପାରିବ କେମିତି ? ଏଣୁ ମୂଳନିବାସୀ ପ୍ରସଙ୍ଗରେ ଆମର ତୁଳନା ଆମେରିକା, ଅଷ୍ଟ୍ରେଲିଆ ଭଳି ଦେଶ ସହ କରାଯିବ କାହିଁକି ? ମୂଳ ନିବାସୀ ଦିବସକୁ ଆଦିବାସୀ ଦିବସ ଭାବେ ପାଳନ କରାଯିବା ପଛରେ ଗଭୀର ଷଡ଼ଯନ୍ତ୍ର ରହିଛି ନିଶ୍ଚୟ । ଦେଶର ଏକତାକୁ ନଷ୍ଟ କରିବାର ଏହା ଏକ ଉଦ୍ୟମ ବୋଲି କୁହାଯାଇପାରେ । ଭାରତରେ ଆମେ ସମସ୍ତେ ମୂଳ ନିବାସୀ ଏହାହିଁ ସତ୍ୟ ଏବଂ ଏହାକୁ ମାନିବା ଉଚିତ୍ ।

*ରାମଚନ୍ଦ୍ରପୁର, ରଣପୁର*

*ମୋ :୯୪୩୮୪୮୫୦୯୪*

# ରାକ୍ଷୀପୂର୍ଣ୍ଣିମାର ଈଶ୍ୱରୀୟ ବାର୍ତ୍ତା



ଆଶୁତୋଷ ନାୟକ

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଇଶ୍ୱରଙ୍କ ସବୁଠାରୁ ଶେଷ୍ଠ ସଂରଚ଼ନା ହେଉଛି ମନୁଷ୍ୟ । ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶେଷ୍ଠଜୀବ ମନୁଷ୍ୟ । ନିଜର ବୃଦ୍ଧି ଓ ବିବେକ ପାଇଁ ଶେଷ୍ଠତ୍ୱର ଆସନ ଅଳଙ୍କୃତ କରିଛି ମନୁଷ୍ୟ ଢ଼ଶାସ୍ତ୍ରରେ ଏହା ବର୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ । ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୂଲଭ ।ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋଉପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଂଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚ଼ିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚ଼ିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ ,ଜାପାନ ,ଇଂଲଣ୍ଡ ମଧ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି ' ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ ଢ଼ ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ । ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟ ।ନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚ଼ରିତ୍ର ହିନ୍ଦୁ ର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।

ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚ଼ିରକାଳ ।'

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚ଼ାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚ଼ାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚ଼ାର ସହିବାକୁ ପଡିଥିଲା । ଏପରିକି ପରବର୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ ସ୍ୱଧର୍ମର ପ୍ରଚ଼ାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ,ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ ।

ରାକ୍ଷୀପୂର୍ଣ୍ଣିମାକୁ ଓଡିଶାରେ ଗହ୍ମାପର୍ବ ବୋଲି କୁହାଯାଏ । ଆମ ହିନ୍ଦୁସନାତନ ସଂସ୍କୃତି ପରମ୍ପରା ବିଶ୍ୱରେ ଅଦ୍ୱିତୀୟ । ବିଶ୍ୱର ଆଉ କୌଣସି ରାଷ୍ଟ୍ରରେ ଏଭଳି ପର୍ବପର୍ବାଣି ପାଳନ କରାଯାଏ ନାହିଁ । ବିଶ୍ୱର ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ଯେପରିକି ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ଇଟାଲୀ, ଫ୍ରାନ୍ସ ଇତ୍ୟାଦିର ଅଧିବାସୀ ଆମ ଧର୍ମ, ସଂସ୍କୃତି, ପରମ୍ପରା, ପ୍ରତି ଆକର୍ଷିତ ହୋଇ ନିଜର ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତିକୁ ପରିହାର କରି ହିନ୍ଦୁ ଦେବାଦେବୀଙ୍କ ଶରଣରେ ନିଜକୁ ସମର୍ପି ଦେଉଛନ୍ତି । ଏହାହିଁ ହିନ୍ଦୁ ସନାତନ ଧର୍ମର ମହାନତା ଓ ବିଚ଼ିତ୍ରତା । ଏହାକୁ ଅସ୍ୱୀକାର କରିହେବନାହିଁ । ଅନେକ ହିନ୍ଦୁ ସନାତନ ଧର୍ମର ବ୍ୟକ୍ତି ଈଶ୍ୱରବିଶ୍ୱାସୀ ଓ ନିଷ୍ପାପର । ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଗଣେଶପୂଜା ଠାରୁ ଆରମ୍ଭ କରି ରାକ୍ଷୀପୂର୍ଣ୍ଣମା ପ୍ରଯ୍ୟନ୍ତ ପ୍ରତ୍ୟେକ ପର୍ବପର୍ବାଣିର ନିଜର ବେଶିଷ୍ଟ୍ୟ, ଅଭିପ୍ରାୟ ଏବଂ ପାଳନ କରିବାର ଉପଯୁକ୍ତ ବିଧି ରହିଛି । ରାକ୍ଷୀପୂର୍ଣ୍ଣିମା ଯାହାକି ପବିତ୍ର ଶ୍ରାବଣମାସରେ ପାଳନ କରାଯାଏ ତାହାର ଇଶ୍ୱରୀୟ ବାର୍ତା ରହିଛି । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ସାମାନ୍ୟ କିଛି କାଗଜର ଟଙ୍କା, ସମ୍ପତି, ମାନ ମଯ୍ୟାଦା, କ୍ଷମତା, ଅହମିକା ପାଇଁ ସେ ରକ୍ତର ହୋଲି ଖେଳୁଛି, ନିଜର ବନ୍ଧୁପରିଜନ, ଜନ୍ମଦାତା, ଜନ୍ମଦାତ୍ରୀ, ଭାତ୍ରା, ଧର୍ମପତ୍ନୀ, ଭଗିନୀଙ୍କୁ ମଧ ହତ୍ୟା କରିବାକୁ ପଛଘୁଂଚା ଦେଉନାହିଁ । ନିଜକୁ ସର୍ବଶେଷ୍ଠ, ସର୍ବଶକ୍ତିମାନ, ଜ୍ଞାନୀଗୁଣୀ, ବିଦ୍ୱାନ ବୃଦ୍ଧିମାନର ଡିଣ୍ଡିମ ପିଟୁଥିବା କଳିଯୁଗର ମନୁଷ୍ୟ ପାଇଁ ସମ୍ପର୍କର ମୂଲ୍ୟ ଆଜି ତୁଚ୍ଛ ହେଇଯାଇଛି, ସ୍ନେହ, ପ୍ରେମ, ବଳିଦାନ ଦୟା, କ୍ଷମା, ଆବିଳତା, ବିଶ୍ୱାସ, ଶ୍ରଦ୍ଧା ପରି ମହନୀୟ ଗୁଣ ଅନେକ ବ୍ୟକ୍ତିଙ୍କ ପାଖରେ ଏହା ପରିଲକ୍ଷିତ ହେଉନାହିଁ । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସର୍ବସ୍ୱ ହେଇଯାଇଛି । ତା ପାଇଁ ସମ୍ପର୍କ ମୂଲ୍ୟହୀନ ହେଇଯାଇଛି ।

ମହାପ୍ରଭୁ କାଳିଆ ସାଆନ୍ତ ରାକ୍ଷୀପୂର୍ଣ୍ଣିମାରେ ଭାଇଭଉଣୀଙ୍କ ଅନାବିଳ ପ୍ରେମ, ସ୍ନେହ, ବନ୍ଧନ, ଅତୁଟ ବିଶ୍ୱାସ, ଭଲପାଇବାର ପରାକାଷ୍ଠା ସାରାମାନବ ସମାଜଙ୍କୁ ବାର୍ତା ପ୍ରଦାନ କରିଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାରେ ସାରା ବିଶ୍ୱକୁ ଏହି ବାର୍ତା ପ୍ରଦାନ କରିଛନ୍ତି । ନିଜର ଅଲିଅଳି ଭଗିନୀ ମାତା ସୁଭଦ୍ରାଙ୍କ ମାନ ରକ୍ଷା କରିବା ପାଇଁ ଅନେକ ଦୁଃଖ କଷ୍ଟ, ବାଧା, ବିଘ୍ନ କୁ ପ୍ରତିହତ କରି ମହାପ୍ରଭୁ ଜଗନ୍ନାଥ ତାଙ୍କର ସବୁ ଇଛା ପୂର୍ଣ୍ଣ କରିଛନ୍ତି । ଏହାହିଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ମାନବୀୟ ଲୀଳାର ଅନନ୍ତ ପରାକାଷ୍ଠା । ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀର ମହତ୍ୱକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଏହି ରାକ୍ଷୀ ସାମାନ୍ୟ ଗୋଟିଏ ସୁତା ନୁହେଁ ଏହା ଭାଇଭଉଣୀଙ୍କ ମଧ୍ୟରେ ଥିବା ଭଲପାଇବା, ଶ୍ରଦ୍ଧା, ଅନାବିଳ ପ୍ରେମ, ଅତୁଟ ବିଶ୍ୱାସର ପ୍ରତୀକ । ଯେତେ ଦୁଃଖ, ଝଡ଼ ଝଞ୍ଜା, ବାଧାବିଘ୍ନ, ସମସ୍ୟା ଆସିଲେ ଭି ନିଜ ଭଉଣୀର ମାନ ରକ୍ଷା କରିବା, ତାଙ୍କୁ ଯେକୌଣସି ବିପଦରୁ ଉଦ୍ଧାର କରିବା ପ୍ରତ୍ୟେକ ଭାଇର ମୁଖ୍ୟ ଲକ୍ଷ୍ୟ ହେବା ଉଚ଼ିତ ।

ଗୋପାଳପୁର,, ବାଲେଶ୍ୱର,

ମୋ: ୭୦୨୦୬୧୧୩୦୦

# ରାକ୍ଷୀ ପୂର୍ଣ୍ଣିମା



ଅକ୍ଷୟ କୁମାର ରାଉତ

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ପାଳନ କରାଯାଉଥିବା ପର୍ବ ପର୍ବାଣି ଓ ଓଷା ବ୍ରତ ଗୁଡିକ ପ୍ରାୟତଃ ତିଥି ଓ ବାରକୁ କେନ୍ଦ୍ର କରି ପାଳନ କରାଯାଇଥାଏ । ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ଓ ପୂର୍ଣ୍ଣିମା ସମୟରେ ଆମର ପର୍ବ ପର୍ବାଣି ଗୁଡିକ ପାଳିତ ହୁଏ । ପ୍ରତ୍ୟେକ ପୂର୍ଣ୍ଣିମାର ସ୍ୱତନ୍ତ୍ର ନାମ ରହିଛି । ଯେପରି ବୁଦ୍ଧପୂର୍ଣ୍ଣିମା, ଦେବସ୍ନାନପୂର୍ଣ୍ଣିମା, ବ୍ୟାସପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା । ସେହିପରି ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା କୁହାଯାଏ । ଦଶ ଅବତାର ମଧ୍ୟରେ ଅଷ୍ଟମ ଅବତାର ଶ୍ରୀ ବଳରାମଙ୍କ ଜନ୍ମତିଥି ରୂପେ ଶ୍ରାବଣ ପୂର୍ଣ୍ଣିମୀ ମହା ସମାରୋହରେ ପାଳନ କରାଯାଏ । ପ୍ରଭୁ ଶ୍ରୀବଳଭଦ୍ରଙ୍କର ଆୟୁଧ ହଳ ଲଙ୍ଗଳ ଓ ତାଙ୍କର ଜନ୍ମ ଗୋଗୋଷ୍ଠରେ ହୋଇଥିବାରୁ ଆମ୍ଭେ ମାନେ ହଳ ଲଙ୍ଗଳ ସହିତ ଗାଇ ଗୋରୁଙ୍କୁ ପୂଜା କରିଥାଉ । ଗୋ ରସରୁ ପ୍ରସ୍ତୁତ ଲହୁଣି, ଘିଅ, ଓ ଛେନା ଇତ୍ୟାଦି ମଣିଷ ଶରୀର ପାଇଁ ଉପକାରୀ ଖାଦ୍ୟ । ଆମ ପୂଜା ପାଇଁ ପଚାଂମୃତ ବା ପଚଂଗଦ୍ୟର ଆବଶ୍ୟକତା ଅଛି । ସେଥିପାଇଁ ଆମ ସମାଜ ଗାଇକୁ ସୁଖ ପ୍ରଦାନ କାରିଣୀ ଗୋମାତା ରୂପେ ସେବା ଓ ପୂଜା କରିଥାଏ ।

ରାକ୍ଷୀ ବନ୍ଧନ ସର୍ମ୍ପକରେ ପୁରାଣ ଓ ଇତିହାସରେ ହୃଦୟ ସ୍ପର୍ଶୀ କାହାଣୀ ବିଦ୍ୟମାନ । ଇନ୍ଦ୍ର ବୃତ୍ରାସୁର ସମର ସମୟରେ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଶଚୀ ଇନ୍ଦ୍ରଙ୍କ ହାତରେ ରକ୍ଷା ସୂତ୍ର ବା ରାକ୍ଷୀ ବାନ୍ଧି ଦେବାରୁ ଇନ୍ଦ୍ର ଜୟଯୁକ୍ତ ହେଲେ । ସେହି ଦିନ ଠାରୁ ତାହା ରକ୍ଷାବନ୍ଧନ ରୂପେ ମାନ୍ୟତା ଲାଭ କରି ଅଛି । ଶ୍ରୀକୃଷ୍ଣଙ୍କ ହସ୍ତାଙ୍ଗୁଳି କଟିବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢୀକୁ ଚିରି ତାଙ୍କ କ୍ଷତ ସ୍ଥାନରେ ବାନ୍ଧି ଦେବାରୁ ପର ଅବସ୍ଥାରେ ଦ୍ୱାରକାଧିପତି କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନ ରକ୍ଷା କରିଥିଲେ । ଦେବୀ ମହାଲକ୍ଷ୍ମୀ ଭଉଣୀ ରୂପରେ ଶ୍ରାବଣ ପୂର୍ଣ୍ଣିମାରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇ ଭଗବାନ୍ ବିଷ୍ଣୁଙ୍କୁ ପାତାଳ ଲୋକରୁ ବୈକୁଣ୍ଠକୁ ନେଇଯାଇ ଥିଲେ । ସେହି ଦିନ ଠାରୁ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଭଉଣୀର ସର୍ମ୍ପକକୁ ଅତୁଟ ରଖିଥିଲେ ।

ମାତା ସିତା ସତାନନ ରାବଣ ଠାରୁ ପ୍ରଭୁ ରାମଙ୍କୁ ରକ୍ଷା ପାଇଁ ପ୍ରତିବ୍ରତା ଧର୍ମର ରକ୍ଷା କବଚ ପ୍ରଦାନ କରିଥିଲେ । ମା' ମାନେ ନିଜ ନିଜ ଇଷ୍ଟ ଦେବା ଦେବୀଙ୍କ ନିକଟରେ ପୂଜା କରି ରକ୍ଷା କବଚ ସନ୍ତାନ ମାନଙ୍କର କଲ୍ୟାଣ ନିମନ୍ତେ ପିନ୍ଧାଇ ଥାଆନ୍ତି । ଆଲେକ୍‌ଜାଣ୍ଡାର ଓ ପୁରୁଙ୍କ ଯୁଦ୍ଧକୁ ନେଇ ରାକ୍ଷୀ ସମ୍ବନ୍ଧୀୟ ଏକ କାହାଣୀ ରହିଛି । ଆଲେକ୍‌ଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ହାତରେ ରାକ୍ଷୀ ବାନ୍ଧି ଥିବାରୁ ପୁରୁ ହତ୍ୟା କରିବା ପାଇଁ ଉଦ୍ୟମ ବେଳେ ଭଉଣୀର କଥା ମନେ ପକାଇ ଆଲେକ୍‌ଜାଣ୍ଡାରଙ୍କୁ ଛାଡିଦେଇ ଥିଲେ । ଚିତୋରର ବିଧବା ରାଣୀ କର୍ଣ୍ଣାବତୀ ଦିଲ୍ଲୀର ସମ୍ରାଟ ହୁମାୟନଙ୍କ ନିକଟକୁ ଏକ ରାକ୍ଷୀ ପଠାଇ ଥିବାରୁ ହୁମାୟନ ଭଉଣୀ କର୍ଣ୍ଣାବତୀର ସୂରକ୍ଷା ନିମନ୍ତେ ସେନା ପ୍ରେରଣ କରିଥିଲେ । ବିଶ୍ୱକବି ରବିନ୍ଦ୍ରନାଥ ଟାଗୁର ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧ୍ୟରେ ରାକ୍ଷୀ ବନ୍ଧନ କରି ବିଶ୍ୱ ଭାତୃତ୍ୱକୁ ଏକ ନୂତନ ଦିଗ୍ ଦର୍ଶନ ଦେଇଥିଲେ । ମହାନ ସ୍ୱାଧୀନତା ସଂଗ୍ରାମି ଚନ୍ଦ୍ରଶେଖର ଆଜାଦ୍ ଇଂରେଜ ମାନଙ୍କ ଆଖିରେ ଧୂଳି ଦେଇ ଜଣେ ବିଧବା ସ୍ତ୍ରୀ ଲୋକ ଘରେ ଆଶ୍ରୟ ନେଇଥିଲେ । ବିଧବା ସ୍ତ୍ରୀ ଲୋକଟି ଚନ୍ଦ୍ରଶେଖର ଆଜାଦ୍‌ଙ୍କ ହାତରେ ରାଖି ବାନ୍ଧି ଦେଇଥିଲା । ଅଭାବି ସ୍ତ୍ରୀ ଲୋକଟିର ଝିଅ ବିଭାହ ପାଇଁ ଚନ୍ଦ୍ରଶେଖର ତାଙ୍କୁ କହିଥିଲେ, ସେ ତାଙ୍କୁ ଇଂରେଜଙ୍କ ନିକଟରେ ଧରାଇ ଦେଲେ ୫ ହଜାର ଟଙ୍କା ପୁରଷ୍କାର ପାଇବେ । କିନ୍ତୁ ସ୍ତ୍ରୀ ଲୋକଟି ଉତର ଦେଇଥିଲା, ଯିଏ ଭାରତ ମାତା ପାଇଁ ଇଂରେଜ ସରକାରଙ୍କ ସହିତଲଢୁଛି ଓ ମୋ ରାକ୍ଷୀର ମାନ ରକ୍ଷା କରୁଛି, ମୁ ତାଙ୍କୁ କିପରି ବିଦେଶୀ ସରକାରଙ୍କ ହାରତେ ଧରାଇ ଦେବି ।ତା'ପର ଦିନ ଚନ୍ଦ୍ରଶେଖର ୫ ହଜାର ଟଙ୍କା ରଖି ଦେଇ, ଭଉଣୀ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ସେଠାରୁ ବିଦାୟ ନେଇଥିଲେ । ପ୍ରାୟ ଭାରତର ସବୁ ସ୍ଥାନରେ ରାକ୍ଷୀ ଉତ୍ସବ ପାଳିତ ହୁଏ । ଉତର ପଶ୍ଚିମ ଭାରତରେ ରାକ୍ଷୀ ପୂର୍ଣ୍ଣିମା ଭାବରେ ପାଳନ କରାଯାଏ । ମହାରଷ୍ଟ୍ର, ଗୁଜୁରାଟ, ଗୋଆ ଓ କର୍ଣ୍ଣାଟକର କେତେ ଅଂଚଳରେ ଏହା ରାକ୍ଷୀ ପୂର୍ଣ୍ଣିମା ବା ନାରିୟଲ ପୂର୍ଣ୍ଣିମା ଭାବେ ପରିଚିତ । ଏହି ଦିନ ଅନନ୍ତଶାୟୀ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ନଡିଆ ସମୁଦ୍ରକୁ ଫିଙ୍ଗା ଯାଇଥାଏ । ବ୍ରାହ୍ମଣ ମାନେ ଏହିଦିନ ନୂତନ ଯଜ୍ଞୋପବୀତ ଧାରଣ କରିଥାଆନ୍ତି । ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ, ଓ ବିହାରରେ ଏହାକୁ କଜରି ପୂର୍ଣ୍ଣିମା ବୋଲି କୁହାଯାଏ । ଏହି ପୂର୍ଣ୍ଣିମା କୃଷକମାନଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ । ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷା ବନ୍ଧନ ପର୍ବ, ପତ୍ନୀ ଭାବେ ପତିର ରକ୍ଷା, ପତି ଭାବେ ପତ୍ନୀର ରକ୍ଷା, ଭ୍ରାତା ଭାବରେ ଭଗ୍ନୀର ରକ୍ଷା, ଭକ୍ତ ଭାବରେ ପ୍ରଭୁଙ୍କର ରକ୍ଷା, ଭଗବାନ ଭାବେ ଭକ୍ତର ରକ୍ଷା, ପୁତ୍ର ଭାବେ ପିତା ମାତାଙ୍କର ରକ୍ଷା, ପିତାମାତା ଭାବେ ସନ୍ତାନର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା । ଇର୍ଷା, ଦ୍ୱେଶ, ପରଶ୍ରୀକାତରତା, ମନାନ୍ତର, ମତାନ୍ତର, ତିକ୍ତତା ଓ ବିରୋଧି ଭାବକୁ ପରିତ୍ୟାଗ କରି ବିଶ୍ୱକୁ ଏକ ପରିବାର ମାନି ନେବା ରକ୍ଷା ବନ୍ଧନର ମୂଳ ଉଦେଶ୍ୟ । ଅଧର୍ମ, ଅନ୍ୟାୟ ଅସତ୍ୟ, ଅଜ୍ଞାନ ତାର ବିନାଶ କରି, ମାନବିକ ଧର୍ମର ପ୍ରତିଷ୍ଠା କରିବାକୁ ରାକ୍ଷୀ ପୂର୍ଣ୍ଣିମା ନିର୍ଦ୍ଦେଶ ଦେଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଭାଇ ଚାରା ଏହି ପର୍ବ ସୃଷ୍ଟି କରିଥାଏ । ନାରି ଜାତି, କୃଷକ, ଗୋସମ୍ପଦ, କୃଷି, ଜଙ୍ଗଲ ଓ ଜୀବଜଗତର ସୁରକ୍ଷାର ସାମାଜିକ ବାର୍ତା ଏହି ରକ୍ଷାବନ୍ଧନର ମୂଳତତ୍ୱ । ଏହି ପର୍ବ ଆମ ଭାରତୀୟ ସଂସ୍କୃତି, ପରମ୍ପରାକୁ ଗୌରବାନ୍ୱିତ ଓ ସମୃଦ୍ଧଶାଳୀ କରିଥାଏ ।

ପାରାଦ୍ୱିପଗଡ, କୁଜଙ୍ଗ

ଜଗତସିଂହପୁର

ମୋ. ନଂ-୯୯୩୭୬୯୧୪୭୫

# ସମ୍ପର୍କର ପର୍ବ ରାକ୍ଷୀ ପୂର୍ଣ୍ଣିମା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ରାକ୍ଷୀ ପୂର୍ଣ୍ଣାମ ବା ଗହ୍ମା ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ । ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ । ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ । ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ । ଏହି ଦିନ ଝୁଲଣ ଯାତ୍ରା ଶେଷ ହୋଇଥାଏ । ତେଣୁ ଏହାକୁ ଝୁଲଣ ପୂର୍ଣ୍ଣିମା ମଧ କୁହାଯାଏ । ଶ୍ରାବଣ ମାସ ଶେଷରେ ହଳଧର ବଳରାମଙ୍କ ଜନ୍ମୋତ୍ସବ ପାଳନ ଅବସରରେ ପୂର୍ଣ୍ଣିମା ଦିନ ସମସ୍ତେ ନିଜ ନିଜ ଗୃହରେ ବଳଭଦ୍ରଙ୍କ ପୂଜା କରନ୍ତି । ତାଙ୍କର ଆୟୁଧ ହଳ-ଲଙ୍ଗଳ ସହ ବଳଦଙ୍କୁ ପୂଜା କରାଯାଏ । ତେଣୁ ଏହି ପର୍ବକୁ କୁହାଯାଏ ବଳଦେବ ଜୟନ୍ତୀ । କେତେକ ଅ*ଳରେ ଧନୀ-ଦରିଦ୍ର ନିର୍ବିଶେଷରେ ଗ୍ରାମବାସୀମାନେ ଏକାଠ ପୂଜା କରିବାର ବିଧି ଅଛି । ଗାଁର ଶେଷ ମୁଣ୍ଡରେ ଗହ୍ମାବେଦି ନିକଟରେ ବଳଦେବଙ୍କର ଆକୃତି ବିଶିଷ୍ଟ ମାଟିର ବିରାଟ ସ୍ତୂପ ତିଆରି କରି ସେଠାରେ ବଳଦେବ ପୂଜା ଓ ଭୋଗ ଅର୍ପଣ କରାଯାଏ । ଆଉ କେତେକ ଗାଁରେ ଗୋଟିଏ ବଡ଼ ବଳଦ ଆକାରର ମାଟି ସ୍ତୂପ କରି ଭୋଗ ସାରିବା ପରେ ଏକ ଅଣ୍ଡିରା ବାଛୁରୀକୁ ସ୍ତୂପ ଉପରେ ଡିଆଁଇ ଦିଅନ୍ତି । ଏହାକୁ କହନ୍ତି ଗହ୍ମା ଡିଆଁ । ଏହି ଦିନ ଗୋ-ପୂଜା ମଧ କରାଯାଏ । ପ୍ରାଚୀନ ବୈଦିକ ସାହିତ୍ୟରେ ଶ୍ରାବଣ ପୂର୍ଣ୍ଣିମା ତିଥି 'ଉପକର୍ମ' ବା ବେଦାଭ୍ୟାସ ପାଇଁ ଉଦ୍ଦିଷ୍ଟ । ତେବେ ଏହାର ସ୍ମାରକୀ ସ୍ୱରୂପ ସାରା ଭାରତବର୍ଷରେ 'ସଂସ୍କୃତ ଦିବସ' ପାଳନ କରାଯାଉଛି ।ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା । ପୁରାଣରେ ଅସୁର ରାଜା ବଳି ଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହୋଇଯାଇଥିଲା । ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଭଉଣୀର ସ୍ନେହ ପାଇଥିଲେ । ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ । ଇତିହାସରେ ମଧ ରହିଛି ରକ୍ଷାବନ୍ଧନ । ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ ପଛଘୁଂଚା ଦେଇନାହିଁ । ପ୍ରଥମ ଘଟଣାଟି ହେଲା ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର । ମାସିଡ଼ୋନିଆର ସମ୍ରାଟ ଆଲେକଜାଣ୍ଡର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବାବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହୋଇଥିଲେ । ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡର ପରାସ୍ତ ହେଲେ, ସେତେବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟରୁ ଏକ ରାକ୍ଷୀ ପ୍ରେରଣ କରିଥିଲେ । ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ । ଅନ୍ୟ ଘଟଣାଟି ହେଲା ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ । ମଧ ଯୁଗର ରାଜପୁତ ଯୋଦ୍ଧାମାନେ ପରାକ୍ରମୀ ଥିଲେ । ସେମାନେ କୌଣସି ଆକ୍ରମଣକାରୀ ସହ ପ୍ରାଣ ଦେଇ ଲଢୁଥିଲେ । ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ ସୁଲତାନ ବାହାଦୂରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ । ସେତେବେଳେ ସେ ଉପାୟଟିଏ ଚିନ୍ତାକଲେ । ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଦେଲେ । ହୁମାୟୁନ ମଧ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷା ପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ । ଏହି ଦିନ ମହାଆଡ଼ମ୍ବରରେ ପାଳିତ ହୁଏ ରକ୍ଷା ବନ୍ଧନ ଉତ୍ସବ । ଭାଇ ହାତରେ ରାଖି ବାନ୍ଧେ ଭଉଣୀ । ଓଡ଼ିଶାରେ କେତେକ ଅ*ଳରେ ବ୍ରାହ୍ମଣମାନେ ଯଜମାନଙ୍କୁ ରାକ୍ଷୀ ସହ ପଇତା ପିନ୍ଧାନ୍ତି । ବିପଦରୁ ରକ୍ଷା ପାଇଁ ଅଭିମନ୍ତ୍ରିତ ରାଖି ବାଳକ ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧିଥିଲେ ଗୋପୀମାନେ । ପୁଣି ଇନ୍ଦ୍ରଙ୍କ ହାତରେ ବାନ୍ଧିଥିଲେ ତାଙ୍କ ପତ୍ନୀ । ପ୍ରଭୁ ବଳରାମଙ୍କର ମାୟାବୀ ଅସୁର ସହ ଯୁଦ୍ଧ ବେଳେ ସମସ୍ତେ କାନ୍ଧରେ ପଇତା ପକାଇ ନିଜର ଜୀବନ ରକ୍ଷା କରିଥିବାରୁ ଏହି ଦିନ ବ୍ରାହ୍ମଣମାନେ ଅନ୍ୟ ସମସ୍ତଙ୍କୁ ପଇତା ସହ ରାଖି ପିନ୍ଧାଇବାର ପ୍ରଥା ଚଳିଆସୁଛି । ଶ୍ରାବଣ ପୂର୍ଣ୍ଣିମା ଦିନ ଭଉଣୀ ତାର ଭାଇ ହାତରେ ରାକ୍ଷୀ ବନ୍ଧିବାର ଯେଉଁ ପରମ୍ପରା ବହୁ ପ୍ରାଚୀନ କାଳରୁ ଗଡ଼ି ଆସୁଛି, ତାହା ସର୍ବସୁଖ ଓ ମଙ୍ଗଳ କାମନାର ଏକ ଦୃଢ଼ ସନ୍ତକ । ପ୍ରକୃତରେ ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀର ପବିତ୍ର ସ୍ନେହ, ଶ୍ରଦ୍ଧା ଓ ପ୍ରେମର ନିଦର୍ଶନ ସ୍ୱରୂପ । ଏଇ ଗହ୍ମାପୂର୍ଣ୍ଣିମା ଦିନ ଭାଇ ହାତରେ ଭଉଣୀ ପବିତ୍ର ରାକ୍ଷୀ ବାନ୍ଧି ଭାଇର ଶୁଭମନାସି ଦୀର୍ଘଦିନ ଓ ସର୍ବ ସଫଳତା କାମନା କରିଥାଏ । ପ୍ରତିବଦଳରେ ଭାଇ ମଧ ଭଉଣୀକୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ ସହ ସର୍ବଦୁଃଖରୁ ରକ୍ଷା କରିବା ନିମତ ବଚନବଦ୍ଧ ରହେ । ଘରର ସମସ୍ତଙ୍କ ମଙ୍ଗଳ ଓ ସୁଖଶାନ୍ତି ପାଇଁ ମଧ ଏହି ପବିତ୍ର ଡୋରିକୁ ଘର ସମ୍ମୁଖ ଦ୍ୱାରରେ ବାନ୍ଧି ଦିଆଯାଏ । ବର୍ତମାନର ଯୁଗପୁରୁଷୋତମ କଲ୍‌କୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ତାଙ୍କ ସାନ ଭଉଣୀ ମଧ ରାକ୍ଷୀ ବାନ୍ଧି ଦେଉଥିଲେ । କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ତୁମେ ମୋତେ ରାକ୍ଷୀ ବାନ୍ଧିଲ, ମୁଁ ଭାଇ ହିସାବରେ ତୁମକୁ ରକ୍ଷା କରିବି । ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଏକ କୃଷିଭିତିକ ପର୍ବ । ଏହି ପବିତ୍ର ଦିନରେ ଭଗବାନ ଶ୍ରୀକୃଷ୍ଣଙ୍କ ବଡ଼ ଭାଇ ପ୍ରଭୁ ବଳରାମ ଜନ୍ମ ନେଇଥିଲେ । ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଆମ କୃଷକର ଦେବତା ହେଲେ ପ୍ରଭୁ ବଳରାମ । ସେଥିପାଇଁ ସେ ତାଙ୍କ ହସ୍ତରେ କୃଷିର ସନ୍ତକ ଲଙ୍ଗଳକୁ ଅସ୍ତ୍ରରୂପେ ଧାରଣ କରିଥାନ୍ତି । ପ୍ରତ୍ୟେକ ଓଡ଼ିଆ ପରିବାର ଏହି ପବିତ୍ର ପୂର୍ଣ୍ଣିମୀ ଦିନ ସେମାନଙ୍କ ଗୋରୁଗାଇ ମାନଙ୍କୁ ଗାଧୋଇ ଦେଇ ତାଙ୍କ ମସ୍ତକରେ ସିନ୍ଦୁର , ଚନ୍ଦନ ଫୁଲ ଆଦି ଲଗାଇ ବନ୍ଦାପନା କରିବା ସହ ରାକ୍ଷୀ ବନ୍ଧନ କରିଥାନ୍ତି । ଘରେ ଘରେ ସେ ଦିନ ପିଠାପଣା କରି ଖାଆନ୍ତି ଏବଂ ଗୋରୁଙ୍କୁ ମଧ ଖାଇବାକୁ ଦିଅନ୍ତି । ବର୍ଷାକଳୀନ ରାଧାକୃଷ୍ଣଙ୍କ ପବିତ୍ର ଝୁଲଣ ଯାତ୍ରା ଦିନ ଶେଷ କରାଯାଇଥାଏ । ଆମ ଦେଶରେ ଏହି ପବିତ୍ର ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ନିମିତ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିଟିକୁ ପ୍ରତ୍ୟେକ ପରିବାର ଅତି ଶ୍ରଦ୍ଧା ଓ ଆନନ୍ଦ ଉଲ୍ଲାସର ସହିତ ପାଳନ କରି ଆସୁଛନ୍ତି ।

*ପ୍ରତିରଦ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି, କଟକ,*

*ଦୂରଭାଷ : ୯୪୩୭୦୫୧୯୫୭*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday August 08 | ଭୁବନେଶ୍ବର ଶୁକ୍ରବାର, ୦୮, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ସ୍ୱର୍ଗତ ଶ୍ରୀ ଓ ପି ଜିନ୍ଦଲଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳନ



କଳିଙ୍ଗନଗର, (ପି ଏନ୍) : ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସଏଲ) ଆଜି ଏହାର ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀ ଓ ପି ଜିନ୍ଦଲଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଅନେକ ସମାଜ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛି । ଏହି କାର୍ଯ୍ୟକଳାପରେ ରକ୍ତଦାନ ଶିବିର, ସ୍ଥାନୀୟ ଡାକ୍ତରଖାନାଗୁଡ଼ିକରେ ରୋଗୀମାନଙ୍କୁ ଫଳ ପ୍ୟାକେଟ ବଣ୍ଟନ ଏବଂ ଲେପ୍ରୋସି କଲୋନୀରେ ଗ୍ରୋସରୀ ପ୍ୟାକେଟ ଯୋଗାଇବା ସହ ଅନାଥାଶ୍ରମ ଓ ଜରାଶ୍ରମ ରେ ଖାଦ୍ୟ ବଣ୍ଟନ ଅନ୍ତର୍ଭୁକ୍ତ ଥିଲା । କେନ୍ଦ୍ରୀୟ ରେଡ୍ କ୍ରସ୍ ସୋସାଇଟି, କଟକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର ସହିତ ମିଳିତ ସହଯୋଗରେ ରକ୍ତ ଦାନ ଶିବିରରେ କର୍ମଚାରୀ ଏବଂ ଠିକା କର୍ମଚାରୀମାନେ ରକ୍ତଦାନ କରିବାକୁ ଉତ୍ସାହ ଓ ଉଦ୍ଦୀପନା ସହ ଆଗେଇ ଆସିଥିଲେ , ଯାହାଫଳରେ ଗତ ବର୍ଷ ର ରେକର୍ଡ କୁ ଭାଙ୍ଗି ୪୨୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଅବଦାନ ସ୍ଥାନୀୟ ଡାକ୍ତରଖାନା ଏବଂ ଆବଶ୍ୟକ ରୋଗୀଙ୍କୁ ଉପଲବ୍ଧ ରକ୍ତ ଯୋଗାଣକୁ ବଢାଇବ । ଏହା ସହିତ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଯାଜପୁର ରୋଡ୍ ଏରିଆ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କୁ ଫଳ ପ୍ୟାକେଟମାନ ବଣ୍ଟନ କରାଯାଇଥିଲା । ଏହା ପରେ ବୃଦ୍ଧାଶ୍ରମ (ଶାନ୍ତି ହୋମସ, କହ୍ନେଇପୁର ) ଓ ଅନାଥାଶ୍ରମ ( ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାର ସେଣ୍ଟର, ନୂଆଗାଁ ) ରେ ଅନ୍ତେବାସୀ ମାନଙ୍କୁ ଭୋଜନ ପ୍ରଦାନ କରାଯାଇଥିଲା ଏବଂ ବ୍ୟାସନଗର ସ୍ଥିତ, ଗାନ୍ଧିନଗର ଠାରେ କୁଷ୍ଠ ରୋଗୀ ପରିବାର ମାନଙ୍କୁ ରାସନ ପ୍ୟାକେଟ ମଧ୍ୟ ବଣ୍ଟନ କରାହୋଇଥିଲା । ଏହି ସେବା କାର୍ଯ୍ୟ ମାଧ୍ୟମରେ ଆମର ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀ ଓ ପି ଜିନ୍ଦଲଙ୍କ ଜୟନ୍ତୀ ପାଳନ କରି ଆମେ ଗର୍ବିତ ବୋଲି ଜିନ୍ଦଲ ଷ୍ଟେନଲେସ୍ ର ଯାଜପୁର କାରଖାନା ମୁଖ୍ୟ ଶ୍ରୀ ଦୀପକ ଅଗ୍ରୱାଲ କହିଛନ୍ତି । ତାଙ୍କର ଏକ ସାମାଜିକ ଦାୟିତ୍ୱ ପ୍ରାପ୍ତ ସଂଗଠନର ଦୃଷ୍ଟିକୋଣ ଆମକୁ ଅନ୍ୟମାନଙ୍କ ଜୀବନରେ ସକରାତ୍ମକ ପ୍ରଭାବ ପକାଇବା ପାଇଁ ପ୍ରେରଣା ଯୋଗାଇଆସୁଛି । ଆମେ ବିଶ୍ୱାସ କରୁ ଯେ ମିଳିତ ଭାବରେ ସଦଭାବନା ସହିତ କାର୍ଯ୍ୟ କରି ଆମେ ସମସ୍ତଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୃଷ୍ଟି କରିପାରିବା ।

# ଓ.ପି ଜିନ୍ଦଲ ଫୁଟବଲ କପ୍ ଉଦଘାଟିତ: ଆଠମଲ୍ଲିକକୁ ହରାଇ ଝାରସୁଗୁଡା ବିଜୟୀ



ଅନୁଗୁଳ,(ପି.ଏନ) : ଉଦଘାଟନୀ ମୁକାବିଲାରେ ରୋମାଞ୍ଚକର ଲଢ଼େଇ । ଓ.ପି ଜିନ୍ଦଲ ଫୁଟବଲ ଟୁର୍ଣ୍ଣାମେଂଟର ଉଦଘାଟନୀ ମ୍ୟାଚ୍‌ରେ ଆଠମଲ୍ଲିକ ଦଳକୁ ପରାସ୍ତ କରି ଝାରସୁଗୁଡା ଦଳ ବିଜୟୀ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେବାରେ ସକ୍ଷମ ହୋଇଥିଲେ । ଫଳରେ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲଟି ସୁଟ୍-ଆଉଟର ସହାୟତା ନିଆଯାଇଥିଲା । ଆଉ ପେନାଲଟି ସୁଟରେ ଝାରସୁଗୁଡା ଦଳ ୪ଟି ଗୋଲ କରିବାରେ ସକ୍ଷମ ହୋଇଥିବା ବେଳେ ଆଠମଲ୍ଲିକ ଦଳ ମାତ୍ର ୨ଟି ଗୋଲ ଦେଇପାରିଥିଲା । ଫଳରେ ଉଦଘାଟନୀ ମ୍ୟାଚ୍‌ରେ ବାଜି ମାରିନେଇଛି ଝାରସୁଗୁଡା ଦଳ । ଝାରସୁଗୁଡା ଦଳର ରାମ ହାଁସଦା ସର୍ବଶ୍ରେଷ୍ଠ ପ୍ରଦର୍ଶନକରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୁଳ ପୌରପାଳିକାର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅକ୍ଷୟ କୁମାର ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନୁଗୁଳର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରତାପ ପ୍ରତିମୟ, ଜିନ୍ଦଲ ଷ୍ଟିଲର ସଭାପତି ଶ୍ରୀ ଅତୁଲ ଦୁବେ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ ସିଂ, ଅନୁଗୁଳ କ୍ରିକେଟ ଆସୋସିଏସନର ସଂପାଦକ ଶ୍ରୀ ସାଗର ନାଥ ମିଶ୍ର, ଜିଲ୍ଲା କ୍ରୀଡ଼ା ସାଂସଦ ସଦସ୍ୟ ଅଧିବକ୍ତା ଶ୍ରୀ ପ୍ରଦୀପ ଦେବତା ଓ ଶ୍ରୀ ରୁଚିର କୁମାର ଦାସ, ଜିନ୍ଦଲ ଫାଉଣ୍ଡେସନର ସହକାରୀ ମହାସଚିବ ସୁଶ୍ରୀ ମୈତ୍ରେୟୀ ମିଶ୍ର ଏବଂ ଜିନ୍ଦଲ ଷ୍ଟିଲର ସିଏସଆର ଜିଏମ ଜୟନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଅନୁଗୁଳ ସହରର କଦମ ପଡିଆରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଂଟରେ ରାଜ୍ୟର ବଛା ବଛା ୧୨ଟି ଦଳ ଭାଗ ନେଇଛନ୍ତି । ଆସନ୍ତା ୧୮ ତାରିଖରେ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ୍ ଖେଳାଯିବ ।

# ଅଗଷ୍ଟ ୧୨ ରେ କୃମିନାଶକ ଦିବସ ପାଳନ ନିମନ୍ତେ ଟାସ୍କ ଫୋର୍ସ କମିଟି ବୈଠକ

ଜଗତସିଂହପୁର, (ପି ଏନ) : ଆଜି ଅପରାହ୍ନରେ ଓସ୍ୱାନ ଭି ସି ହଲରେ ଜାତୀୟ କୃମିନାଶକ ଦିବସ ର ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରିଥିଲେ । ଅଗଷ୍ଟ ୧୨ ରେ ଜିଲ୍ଲା ସ୍ତରୀୟ ଜାତୀୟ କୃମି ନାଶକ ଦିବସ ପାଳନ କରାଯିବ । ୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ, କିଶୋର ଓ ଯୁବକଙ୍କୁ ସ୍କୁଲ, କଲେଜ ଓ ଅଙ୍ଗନବାଡି କେନ୍ଦ୍ରରେ କୃମିନାଶକ ବଟିକା ଓ ସିରପ ଦିଆଯିବ । ୧ ରୁ ୫ ବର୍ଷ ମଧ୍ୟରେ ଥିବା ଶିଶୁଙ୍କୁ ସିରପ ଓ ୬ ରୁ ୧୯ ବର୍ଷର କିଶୋର ଓ କିଶୋରୀ ତଥା ଯୁବକ ଓ ଯୁବତୀଙ୍କୁ ବଟିକା ଦିଆ ଯିବ । ଏତଦ୍ ବ୍ୟତୀତ ୨୦-୨୪ ବୟସ ର ପ୍ରଜନନ କ୍ଷମ ମହିଳା ମାନଙ୍କୁ ମଧ୍ୟ କୃମିନାଶକ ବଟିକା ଦିଆଯିବ ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ରେ ମୋଟ ୨୩୭୬୦୦ ଶିଶୁ ଙ୍କୁ କୃମିନଶକ ଔଷଧ ବଣ୍ଟନ କରାଯିବାର ଧାର୍ଯ୍ୟ କରାଯାଇଛି । ଯେଉଁ ମାନେ ସେହିଦିନ ବଟିକା କିମ୍ବା ସିରପ ଖାଇ ନ ପାରିବେ ସେମାନଙ୍କୁ ଅଗଷ୍ଟ ୧୯ ରେ ଦିଆଯିବ । ଏହି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ବିଭାଗ କୁ ସାମିଲ କରାଯାଇଛି । ଏଥିରେ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ସହଯୋଗ କରିବେ ବୋଲି ବୈଠକ ରେ ସୂଚନା ଦିଆ ଯାଇଛି ।ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜେନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାର (ପରିବାର କଲ୍ୟାଣ ) ଡା । ପ୍ରମୋଦ ବାରିକ ,ଡା । ଶତ୍ରୁଘ୍ନ ଦାସ, ଜିଲ୍ଲାସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରିଣୀ, ଏସ୍ ଡି ଓ ଆର ଡବ୍ଲୁ ଏସ ଏସ , ଜିଲ୍ଲା ଶିକ୍ଷା ଅଧିକାରୀ , ନିର୍ବାହୀ ଅଧିକାରୀ ପୌର ପରିଷଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,ତଥା ସ୍ୱାସ୍ଥ୍ୟ ବିଭାଗରୁ ଡା । ବାସନ୍ତୀ ପାଲ୍ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରିଣୀ ସୋନାଲି ପ୍ରିୟଦର୍ଶନୀ,ତୃପ୍ତି ରାଣୀ ନାୟକ,ଡେପୁଟି ମ୍ୟାନେଜର ସନ୍ଧ୍ୟା ରାଣୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

# ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ଛାତ୍ରୀ ପୋଡି ଘଟଣା



କେନ୍ଦ୍ରାପଡ଼ା,(ପି.ଏନ):ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଡା ପ ାୟତର କାଠିଆପଡା ଗ୍ରାମରେ ପ୍ରଦେଶ କଂଗ୍ରେସ କମିଟିର ତଥ୍ୟ ଅନୁସନ୍ଧାନକାରୀ କମିଟି ପହ ି ନିଆଁରେ ପୋଡି ମୃତ୍ୟୁବରଣ କରିଥିବା ଛାତ୍ରୀ ପି ଡି ସଂଗୀତାଙ୍କ ପରିବାରକୁ ଭେଟି ଏହି ସମବେଦନଶୀଳ ମାମଲାର ଅନୁଧ୍ୟାନ କରିଥିଲେ । ପି ସି ସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ପି ସି ସି ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ, ମନୀଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ମଧୁସ୍ମିତା ଆଚାର୍ଯ୍ୟ, ଅମ୍ରିତା ଦାସ ଓ ପି ସି ସି କୋଷାଧକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା କଂଗ୍ରେସ ପ୍ରାର୍ଥୀ ଇଂ ସିଦ୍ଧାର୍ଥସ୍ୱରୁପ ଦାସ, ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପ୍ରଦୀପ ପ୍ରଧାନ, ଦିଲୀପ ପ୍ରଧାନ, ଆଶିଷ ଲେଙ୍କା ପ୍ରମୁଖ କାଠିଆପଡା ଗ୍ରାମରେ ପହ ି ମୃତା ଛାତ୍ରୀଙ୍କ ବାପା ଶଶିକାନ୍ତ ପରିଡାଙ୍କୁ ଭେଟି ଆଲୋଚନା କରିଥିଲେ । ଏଥିସହିତ ଚଳିତ ସରକାରରେ ମହିଳା ଓ ଛାତ୍ରୀମାନେ ସୁରକ୍ଷିତ ନୁହଁନ୍ତି, ପୋଲିସ ଓ ପ୍ରଶାସନର ଅବହେଳା ପାଇଁ ନିର୍ଯ୍ୟାତିତା ଛାତ୍ରୀଜଣକର ଅମୂଲ୍ୟ ଜୀବନ ଯାଇଛି ବୋଲି ଅଭିଯୋଗ କରି ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି । ତଥ୍ୟ ଅନୁସନ୍ଧାନକାରୀ କମିଟି ପଟ୍ଟାମୁଣ୍ଡାଇର ବଡପଡାରୁ ଫେରି ଜଜାଙ୍ଗସ୍ଥିତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହ ି ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହିତ ଏଥିରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ।

# ରୟାଲ ଷ୍ଟାଗ ବୁମ୍ ବକ୍ସ ପକ୍ଷରୁ ଆଧୁନିକ ମେଲୋଡି ଏବଂ ହିପ୍‌ହପ୍ ଗୀତ 'ମେବି'

କଟକ,(ପି.ଏନ) : ୟୁନିଭର୍ସାଲ ମ୍ୟୁଜିକ ଗ୍ରୁପ ସହିତ ମିଳିତ ଭାବରେ ବ୍ରାଣ୍ଡର ପ୍ରମୁଖ ସଙ୍ଗୀତ ଆଇପି, 'ରୟାଲ ଷ୍ଟାଗ ବୁମ ବକ୍ସ ଅରିଜିନାଲ୍ସ' ଅଧିନରେ ଏକ ନୂତନ ଲାଇନ ଅପ ସହିତ ଫେରିଛି । 'ପେହଲେ ଜୈସୀ ବାତ ନହିଁ, ହୁଡି, ମୋହବତ ଏବଂ ଇମତିହାନ' ଭଳି ଟ୍ରାକ ସହିତ ସଫଳ ପ୍ରଦର୍ଶନ ପରେ, ଉକ୍ତ ପ୍ଲାଟଫର୍ମ ବର୍ତମାନ ଏହି ସିଜିନର ତୃତୀୟ ଅରିଜିନାଲ, ମେବି ର ଶୁଭାରମ୍ଭ ହୋଇଛି । ଯେଉଁଥିରେ ଅରମାନ ମଲିକ ଏବଂ ଇକ୍କାଙ୍କ ସହିତ ଏକ ଆକର୍ଷଣୀୟ ସଂଗୀତ ହୋଇପାରିଛି । ଗତ ତିନି ବର୍ଷ ମଧ୍ୟରେ ଅନେକ ଦର୍ଶକଙ୍କୁ ଆକର୍ଷିତ କରିବା ପରେ, ରୟାଲ ଷ୍ଟାଗ ବୁମବକ୍ସ ଏହାର ଦ୍ୱିତୀୟ ସିଜନ ବୁମ ବକ୍ସ ସହିତ ଫେର ଆସିଛି ଏବଂ ସାଉଣ୍ଡଟ୍ରାକ ଯାହା ବ୍ରାଣ୍ଡର ଲିଭିଂ ଇଟ ଲାର୍ଜ ଭାବନାକୁ ପାଳନ କରେ । ଉକ୍ତ ସଂଗୀତ ସମ୍ପର୍କରେ ଗାୟକ ଅରମାନ ମଲିକ କହିଛନ୍ତି ଯେ, "ମେବି ଏକ ଗୀତ ଯାହା ପ୍ରକୃତରେ ହୃଦୟରୁ ଆସେ – ଏହା ସଚ୍ଚୋଟ, ଆବେଗିକ ଏବଂ ପ୍ରେମରେ ଅନିଶ୍ଚତତାର ସେହି ଭାବନାକୁ ସୂଚିତ କରେ ।" ରାପର ଇକ୍କା ଏହି ସହଯୋଗ ବିଷୟରେ ନିଜର ମତାମତ ପ୍ରଦାନ କରି କହିଛନ୍ତି ଯେ, " ମେବି କେବଳ ଏକ ପ୍ରେମ ଗୀତ ନୁହେଁ – ଏହା ଏକ ପରିବେଶ, ଆମେ ସମସ୍ତେ କିପରି ଭଲ ସମୟକୁ ଆଉ ଟିକିଏ ଅଧିକ ସମୟ ଧରି ରଖିବାକୁ ଚାହୁଁଛୁ ତାହାର ଏକ ପ୍ରତିଫଳନ । ରୟାଲ ଷ୍ଟାଗ ବୁମ ବକ୍ସ ଏକ ସ୍ଥାନ ସୃଷ୍ଟି କରିଛି ଯେଉଁଠାରେ କଳାକାରମାନେ ପ୍ରକୃତରେ ପରୀକ୍ଷଣ କରିପାରିବେ ଏବଂ ନିଜକୁ ପ୍ରକାଶ କରିପାରିବେ ।" ପର୍ନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ଏବଂ ଗ୍ଲୋବାଲ ବିଜନେସ ଡେଭଲପମେଂଟ ହେଡ, କାର୍ତିକ ମୋହିନ୍ଦ୍ର କହିଛନ୍ତି ଯେ, " ରୟାଲ ଷ୍ଟାଗକୁ ବୁମ ବକ୍ସ ଅରିଜିନାଲ୍ସ ସହିତ ଆମେ ରୋମାଂଚକର ନୂତନ ସଂଗୀତ ସହିତ ଅଭିଜ୍ଞତାକୁ ଉନ୍ନତ କରିବାକୁ ପ୍ରସ୍ତୁତ । ହିପ-ହପର ସ୍ପନ୍ଦନଶୀଳ ବିଟ ସହିତ ବଲିଉଡର ସ୍ୱରକୁ ମିଶ୍ରଣ କରି, ଲିଭିଂ ଇଟ ଲାର୍ଜର ବ୍ରାଣ୍ଡ ଦର୍ଶନକୁ ପ୍ରକୃତରେ ଉପସ୍ଥାପିତ କରିଥାଏ ।" ଏ ସଂପର୍କରେ ମତ ଦେଇ ପ୍ରୀତି ନାୟାର, ଏସଭିପି ଏବଂ ବିଜେନସ ହେଡ – ଭାରତ ଏବଂ ଦକ୍ଷିଣ ଏସିଆ, ୟୁଏମଜି ଫର ବ୍ରାଣ୍ଡସ କହିଛନ୍ତି ଯେ, "ରୟାଲ ଷ୍ଟାଗ ବୁମବକ୍ସ ହେଉଛି ସାହାସିକ ଅଭିବ୍ୟକ୍ତି ଏବଂ ପରିଚିତ ସୋନିକରୁ ନୂତନ ଆବିଷ୍କାର କରିବା ପାଇଁ ଏକ ଅଭିନବ ସୃଜନଶୀଳତାକୁ ଦର୍ଶାଇଥାଏ । " ନିଖିତା ଗାନ୍ଧୀ ଏବଂ ଡିନୋ ଜେମ୍ସଙ୍କ ଦ୍ୱାରା ଲିଖିତ ସାଇ ଏବଂ ନୀତି ମୋହନ, ପାନ୍ଥର ଏବଂ ରାଭାଟୋରଙ୍କ ଦ୍ୱାରା ଲିଖିତ ସଜନା ମେରାର ସଫଳତା ପରେ , ସିଜିନର ତୃତୀୟ ଏବଂ ଶେଷ ଟ୍ରାକ – ମେବି, ଏବେ ୟୁଟ୍ୟୁବ, ସୋସିଆଲ ମିଡିଆ ଏବଂ ସମସ୍ତ ପ୍ରମୁଖ ଅଡିଓ ପ୍ଲାଟ ଫର୍ମରେ ଲାଇଭ ହେଉଛି । ରୟାଲ ଷ୍ଟାଗ ଲାଇଭ ଇଟ ଲାର୍ଜ ୟୁଟ୍ୟୁବ ଚ୍ୟାନେଲରେ 'ମେବି' ଦେଖନ୍ତୁ ।

# ବଲଙ୍ଗା ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଓ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ କୋଣାର୍କ ଠାରେ ବିଜେଡ଼ି ପକ୍ଷରୁ ୬ ଘଣ୍ଟିଆ ହରତାଳ ସଫଳ



କୋଣାର୍କ,(ପି ଏନ):ବଲଙ୍ଗା ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଓ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ରାଜ୍ୟ ବିଜେଡିର ଆହ୍ୱାନ କ୍ରମେ କୋଣାର୍କ ଠାରେ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ କୋଣାର୍କ ଏନଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ବରିଷ୍ଠ ନେତା ପୂର୍ବତନ କାଉନସିଲର ପ୍ରତାପ ଗୋଛାୟତ, ଯୁବ ନେତା ଶତ୍ରୁଜିତ ନାୟକ, ବିଜୟ କୁମାର ସେଠ ସମେତ ଶତାଧିକ ବିଜେଡି ନେତା ପିକେଟିଂ କରି ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସୂର୍ଯ୍ୟ ମନ୍ଦିର ବନ୍ଦ କରି ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ବଳଙ୍ଗା ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଓ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ସମାଲୋଚନା କରିବା ସହ ସରକାର ବିରୋଧୀ ସ୍ଲୋଗାନ ମାନ ଦେଇଥିଲେ । ବିଜେଡି ପକ୍ଷରୁ ୬ ଘଣ୍ଟିଆ କୋଣାର୍କ ବନ୍ଦ ଯୋଗୁଁ ସୂର୍ଯ୍ୟ ମନ୍ଦିର ପର୍ଯ୍ୟଟକ ଶୂନ୍ୟ ହୋଇ ପଡିଥିଲା ବେଳେ ମୁଖ୍ୟ ଫାଟକରେ ତାଲା ପଡି ଥିବାରୁ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକ ମାନେ ନିରାଶ ହୋଇ ଫେରି ଯାଇଥିବା ଦେଖିବାକୁ ମିଳିଛି । ଏହି ବନ୍ଦ ଯୋଗୁଁ ପରିବହନ ବ୍ୟବସ୍ଥା ଠପ ହୋଇଯାଇଥିଲା ବେଳେ ପର୍ଯ୍ୟଟକ ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହି ବନ୍ଦ ପାଳନ କୋଣାର୍କ ଠାରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray